ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.20 . No.224 Bhubaneswar Wednesday, September 20 2017 ୨୦ମ ବର୍ଷ ସଂଖ୍ୟା–୨୨୪ ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୨୦, ୨୦୧୭ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଅତ୍ୟନ୍ତ ଅନ୍ୟାୟ : ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର, (ପିଏନ୍): ଏହା ଅତ୍ୟନ୍ତ ଅନ୍ୟାୟ । ମତେ ଗିରଫ କରାଯିବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ପଛରେ ଚକ୍ରାନ୍ତ ରହିଛି । ସତ୍ୟର ଜୟ ହେବ ବୋଲି ଚିଟଫଣ୍ଡ ଲିଙ୍କ୍ ମାମଲାରେ ଗିରଫ ହୋଇଥିବା ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳ କହିଛନ୍ତି । ମଙ୍ଗଳବାର ସଂଧ୍ୟାରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହୋଇ ବାହାରିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି ।

ସିସୋର ଚିଟଫଣ୍ଡ ସଂସ୍ଥା ସହ ଲିଙ୍କ୍ ମାମଲାରେ ଦୀର୍ଘ ସମୟ ଧରି ଜେରା କରାଯିବା ପରେ ଗତକାଲି ରାତିରେ ଶ୍ରୀ ବିଶ୍ୱାଳଙ୍କୁ ଗିରଫ କରାଯାଇଥିଲା ।

ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, (ପିଏନ୍): ଉତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ସେହିପରି ମଙ୍ଗଳବାର ଓ ବୁଧବାର ଉତର ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି

। ଉପକୂଳ ଅଂଚଳରେ ୩୫ରୁ ୫୫ କିମି ବେଗରେ ପବନ ବୋହିପାରେ । ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟ ନଯିବାକୁ ସତର୍କ ସୂଚନା ଜାରୀ କରାଯାଇଛି ।

ପୋଲିସ୍ ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧି ଗଦାଧର ଆହତ

ବ୍ରହ୍ମପୁର, (ପିଏନ୍))- ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ପାଲୁର ବାଲିବଗଡ଼ ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ପୋଲିସ୍ ଏନକାଉଂଟରରେ ଦୁର୍ଦ୍ଦାନ୍ତ ଅପରାଧୀ ଗଦାଧର ସ୍ୱାଇଁ ଆହତ ହୋଇଛି । ତାକୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତି କରାଯାଇଛି ।

ସୂଚନା ଅନୁଯାୟୀ, ରମ୍ଭା ଓ ଗଞ୍ଜାମ ପୋଲିସ ଗଦାଧରକୁ ଧରିବାକୁ ଉଦ୍ୟମ ଚଳାଇଥିଲା । ଗତକାଲି ପାଲୁର ନିକଟରେ ତାର ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ପୋଲିସର ଏକ ଟିମ୍ ସେଠାରେ ପହଂଚି ତାର ପିଛା କରିଥିଲା । ଗଦାଧର ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲା । ପରେ ପୋଲିସ ଏହାର ପାଲଟା ଜବାବ ରଖିଥିଲା । ଫଳରେ ତାର ଡାହାଣ ଗୋଡ଼ର ଆଣ୍ଠୁରେ ଗୁଳି ବାଜିଥିଲା । ଗୁରୁତର ଆହତ ଗଦାଧରକୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତି କରାଯାଇଛି । ତା ନିକଟରୁ ଗୋଟିଏ ପିସ୍ତଲ, ୩ ରାଉଣ୍ଡ ଗୁଳି ଏବଂ ଗୋଟିଏ ବାଇକକୁ ପୋଲିସ ଜବତ କରିଛି । ଘଟଣାସ୍ଥଳରୁ ତାର ସହଯୋଗୀ ଚମ୍ପଟ୍ ମାରିଛି । ଏହାକୁ ମିଶାଇ ଏପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ ୨୯ଟି ଏନକାଉଂଟର ସଂଗଠିତ ହେଲାଣି । ପ୍ରକାଶ ଥାଉ କି, ୧୦ ତାରିଖରେ ବାଣପୁରର ଜଣେ କଂଟ୍ରାକ୍ଟରକୁ ଗୁଳିମାଡ଼ ଓ ଅନ୍ୟାନ୍ୟ ୨୦ରୁ ଅଧିକ ଅପରାଧିକ ମାମଲାରେ ଗଦାଧର ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି ।

ସିସୋର ମାମଲା

ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳ ଗିରଫ

୫ ଦିନିଆ ରିମାଣ୍ଡରେ ନେଲା ସିବିଆଇ

ଭୁବନେଶ୍ୱର, (ପିଏନ୍): ସି-ସୋର ଚିଟଫଣ୍ଡ କମ୍ପାନୀ ସହ ଲିଙ୍କ୍ ମାମଲାରେ ଗିରଫ ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ସିବିଆଇ ୫ ଦିନିଆ ରିମାଣ୍ଡରେ ନେଇଛି । ମଙ୍ଗଳବାର ଅପରାହ୍ନରେ ତାଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ସିବିଆଇ ପକ୍ଷରୁ ପ୍ରଭାତଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲା ଏବଂ କୋର୍ଟ ଏଥିପାଇଁ ଅନୁମତି ଦେଇଥିଲେ । ପ୍ରଭାତଙ୍କ ନାମରେ ଭାରତୀୟ ଦଣ୍ଡ ସଂହିତା ଧାରା ୧୨୦ବି, ୪୨୦, ୪୬୭, ୪୦୯, ୪୭୧ ଓ ୪୫୬ ଲଗାଯାଇଛି ।

କଟକ ଚୌଦ୍ୱାରର ବିଜେଡି ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳଙ୍କୁ ସୋମବାର ବିଳମ୍ବିତ ରାତ୍ରୀରେ ସିବିଆଇ ଗିରଫ କରିଥିଲା। ଚିଟ ଫଣ୍ଡ କମ୍ପାନୀ ସିସୋର ସହ ଜମି ମାମଲାରେ ଗିରଫ କରା ଯାଇଥିବା ସିବିଆଇ ସୂତ୍ରରୁ ପ୍ରକାଶ । ଉଲ୍ଲେଖନୀୟ ଯେ ପୂର୍ବରୁ ୪ ଥର ସିବିଆଇ ତାଙ୍କୁ ଜେରା କରି ସାରିଛି । ଏହା ବ୍ୟତୀତ ପ୍ରଭାତ ବିଶ୍ୱାଳଙ୍କ ପତ୍ନୀ ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳଙ୍କୁ ମଧ୍ୟ ସିବିଆଇ ପଚରା ଉଚୁରା କରିଥିଲା । ଯାଜପୁର ଜିଲ୍ଲାର ବେଣାପୁର ଗ୍ରାମର ୨୫ ଗୁଣ୍ଠ ଜମି ବିକ୍ରୀ ମାମଲାରେ ତାଙ୍କୁ ପଚରା ଉଚୁରା କରାଯାଇଥିଲା । ସେହିପରି ଭାବେ ପୂର୍ବରୁ ଶ୍ରୀ ବିଶ୍ୱାଳଙ୍କ ଭୁବନେଶ୍ୱର ଓ କଟକ ମହାନଦୀ ବିହାର ବାସଭବନ ଓ ବିଭିନ୍ନ ଠିକଣାରେ ସିବିଆଇ ଚଢାଉ କରିଥିଲା ।ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଚିଟଫଣ୍ଡ ଲିଙ୍କ୍ ମାମଲାରେ ବିଜେଡିର ନେତା ପ୍ରଭାତ ତ୍ରିପାଠୀ , ସୁବର୍ଣ୍ଣ ନାୟକ , ରାମଚନ୍ଦ୍ର ହାଁସଦା ଗିରଫ ହୋଇଥିଲେ । ସେହିପରି ସଂଜୟ ଦାସବର୍ମା ଙ୍କୁ ମଧ୍ୟ ସିବିଆଇ ନୋଟିସ୍ ଜାରୀ ହୋଇଥିଲା । ତେବେ ତାଙ୍କ ବଦଳରେ ତାଙ୍କ ପ୍ରତିନିଧି ସିବିଆଇରେ ହାଜର ହୋଇଥିଲେ ।

ସିବିଆଇକୁ ଅସ୍ତ୍ର କରି ବିଜେପି ପ୍ରତିପକ୍ଷକୁ ଆକ୍ରମଣ କରିବା ମହଙ୍ଗା ପଡ଼ିବ

ଭୁବନେଶ୍ୱର,(ପିଏନ୍): ସିବିଆଇକୁ ଅତୀତରେ ସୁପ୍ରିମକୋର୍ଟ ପିଞ୍ଜରାବଦ୍ଧ ଶୁଆ ଭାବେ ଅବିହିତ କରିଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ବାସ୍ତବତାରେ ପ୍ରତିଫଳିତ ହୋଇଛି। ସିବିଆଇର ଇତିହାସରେ ଏହି ସମୟ ସିବିଆଇର ବିଶ୍ୱସନୀୟତାର ସର୍ବନିମ୍ନ ସ୍ତରକୁ ଆସିଯାଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। କେନ୍ଦ୍ର ବିଜେପି ସରକାର କେବଳ ସିବିଆଇ ନୁହେଁ, ଇଡି, ଆୟକର ବିଭାଗ ଭଳି କେତେକ କେନ୍ଦ୍ରୀୟ ସଂସ୍ଥାକୁ ନିଜର ରାଜନୈତିକ ସ୍ୱାର୍ଥ ସାଧନ ଓ ପ୍ରତିପକ୍ଷଙ୍କୁ ହଇରାଣ ହରକତ କରିବା ପାଇଁ ବ୍ୟବହାର କରୁଛି। ଏହା ଭାରତ ବିଭିନ୍ନ ଭାଗରେ ପରିଲକ୍ଷିତ ହେଉଛି। ପଶ୍ଚିମବଙ୍ଗରୁ ଆରମ୍ଭ କରି ତାମିଲନାଡୁ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ସିବିଆଇକୁ ଯେଭଳି ଭାବରେ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି ତାହା କେବଳ ସିବିଆଇ ଉପରେ ଥିବା ବିଶ୍ୱାସକୁ ତଳେ ପକାଇନାହିଁ, କେନ୍ଦ୍ର ବିଜେପି ସରକାରଙ୍କ ହୀନ ଅଭିସନ୍ଧିକୁ ପଦାରେ ପକାଇଛି। ସେହିଭଳି ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଲୋକମାନଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ବଢ଼ିଚାଲିଥିବା ବେଳେ ଏଥିରେ ହତାଶ ହୋଇ ବିଜେପି ସିବିଆଇକୁ ଅସ୍ତ୍ର କରିବା ନିନ୍ଦନୀୟ ଏବଂ ଓଡ଼ିଶାରେ ବିଜେପି ପାଇଁ ଏହା ଘାତକ ସାଜିବ ବୋଲି ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳ ଉପ-ସଭାପତି ତଥା ମୁଖପାତ୍ର ପ୍ରସନ୍ନ ଆଚାର୍ଯ୍ୟ, ପ୍ରତାପ କେଶରୀ ଦେବ, ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଶଶୀଭୂଷଣ ବେହେରା କହିଛନ୍ତି।

ସିବିଆଇର କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ ପ୍ରକାଶ କଲେ ନିରଂଜନ

ଭୁବନେଶ୍ୱର,(ପିଏନ୍): ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ସିବିଆଇ ଗିରଫ କରିବା ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଂଜନ ପଟ୍ଟନାୟକ । ସେ ସିବିଆଇର କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ଲୋକ ମାନଙ୍କର ଅର୍ଥ ଲୁଟିଥିବା ନେତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ ହେଲେ ସିବିଆଇକୁ ରାଜନୈତିକ ପୃଷ୍ଠପୋଷକତାରେ ବ୍ୟବହାର କରା ନ ଯାଉ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଏହି ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସିବିଆଇ ଯେପରି ଭାବେ କାମ କରୁଛି ସେଥିରୁ ଲୋକ ମାନଙ୍କ ମଧ୍ୟରେ ସିବିଆଇର କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ ପ୍ରକାଶ ପାଇଛି । କାରଣ ଚିଟ ଫଣ୍ଡ ମାମଲାରେ ଶାସକ ଦଳର ଅନେକ ନେତା ସାମିଲ ହେବାକୁ ନେଇ ଆଲୋଚନା ହେଉଛି । ତେବେ ସିବିଆଇ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନାହିଁ । ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ଗିରଫ କରିବାର ଦୀର୍ଘ ଦିନ ପରେ ପ୍ରଭାତ ବିଶ୍ୱାଳଙ୍କୁ ଗିରଫ କରା ଯାଇଛି । ଯେତେବେଳେ ରାଜନୈତିକ ସ୍ଥିତି ଗରମ ନାହିଁ ସେତେବେଳେ ସିବିଆଇ ଶିଥିଳ ହୋଇ ଯାଇଛି ଓ ଯେତେବେଳେ ରାଜନୈତିକ ସ୍ଥିତି ଗରମ ରହୁଛି ସେତେବେଳେ ସିବିଆଇ ସକ୍ରିୟ ହେଉଛି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ କାଜାଖସ୍ତାନ ଗସ୍ତ

ନୂଆଦିଲ୍ଲୀ /ଭୁବନେଶ୍ୱର (ପିଏନ୍): କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାଜାଖସ୍ତାନ ଗସ୍ତରେ ଯାଇଛନ୍ତି । ସେପ୍ଟେମ୍ବର ୧୯ରୁ ୨୦ ଯାଏ କାଜାଖସ୍ତାନର ଅସ୍ତାନା ଠାରେ ହେଉ ଥିବା କାଜାଖସ୍ତାନ ସହ ଆନ୍ତଃ ସରକାରୀ କମିଶନ (ଆଇଜିସି)ର ୧୩ ତମ ବୈଠକରେ ଶ୍ରୀ ପ୍ରଧାନ ସହ ଅଧ୍ୟକ୍ଷତା କରିବେ । ତାଙ୍କ ସହ କାଜାଖସ୍ତାନ ପକ୍ଷରୁ ସେଠାକାର ଶକ୍ତି ମନ୍ତ୍ରୀ କନାଟ ବଜୁମ୍ବାୟେଭ ଏହି ବୈଠକରେ ସହ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁଲାଇ ୨୦୧୫ ଓ ଜୁନ ୨୦୧୭ରେ କାଜାଖସ୍ତାନ ଗସ୍ତ କରିଥିଲେ ଓ ଏହି ଗସ୍ତ ସମୟରେ ଯେଉଁ କାର୍ଯ୍ୟ ସୂଚୀ ସ୍ଥିର କରା ଯାଇଥିଲା ତାହାକୁ ଆଗକୁ ବଢାଇବା ଏହି ଆଇଜିସି ବୈଠକର ଉଦ୍ଦେଶ୍ୟ । ଏହି ଗସ୍ତ ସମୟରେ ଶ୍ରୀ ପ୍ରଧାନ ଉଭୟ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ଓ ବିଚାରକୁ ନେଇ ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବା ପାଇଁ ସେଠାକାର ନେତୃତ୍ୱ ସହ ଆଲୋଚନା କରିବେ । ଗସ୍ତ ସମୟରେ ଯେଉଁ ବିଷୟ ଉପରେ ଆଲୋଚନା ହେବେ ସେଗୁଡିକ ମଧ୍ୟରେ ଶକ୍ତି, ବାଣିଜ୍ୟ, ଆର୍ଥିକ ନିବେଶ, ପରିବହନ ଓ ସଂଯୋଗ, କୃଷି, ସୂଚନା ପ୍ରଯୁକ୍ତି, ମହାକାଶ, ସ୍ୱାସ୍ଥ୍ୟ ସେବା ଓ ସାଂସ୍କୃତିକ ଆଦାନ ପ୍ରଦାନ ସାମିଲ ରହିଛି । ଉଭୟ ଦେଶ ମଧ୍ୟରେ ବାଣିଜ୍ୟରେ ବୃଦ୍ଧି ଓ ଆର୍ଥିକ ପୁଂଜିନିବେଶ ବଢାଇବା ଦିଗରେ ରଣନୀତି ଓ ରୋଡମ୍ୟାପକୁ ଚୂଡାନ୍ତ ରୂପ ଦେବେ । ଶ୍ରୀ ପ୍ରଧାନଙ୍କ ସହ ଏହି ଗସ୍ତରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ପ୍ରତିନିଧିମଣ୍ଡଳ ମଧ୍ୟ ଯାଉଛନ୍ତି । ଏହି ପ୍ରତିନିଧି ମଣ୍ଡଳରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ସହ, ଖଣି, ଇଲେକ୍ଟ୍ରୋନିକ୍ସ, ଆଇଟି, ପର୍ଯ୍ୟଟନ, ଇସ୍ରୋ, ଆଣବିକ ଶକ୍ତି ବିଭାଗ, ଭାରତୀୟ କୃଷି ଅନୁସନ୍ଧାନ କେନ୍ଦ୍ରର ବରିଷ୍ଠ ଅଧିକାରୀ ତଥା ଓଏନଜିସି ବିଦେଶ ଓ ରେଲବାଇ ବୋର୍ଡର ବରିଷ୍ଠ ପଦାଧିକାରୀ ମାନେ ସାମିଲ ଅଛନ୍ତି ।

ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଗିରଫରେ ବିଜେଡିର ଦୋମୁହାଁ ଚରିତ୍ର ସ୍ପଷ୍ଟ ହୋଇଛି : ବିଜେପି

ଭୁବନେଶ୍ୱର,(ପିଏନ୍): ଚିଟ୍‌ଫଣ୍ଡ୍ ମହା ଘୋଟାଲା ମାମଲାଲେ ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳ ଗିରଫ ପରେ ବିଜୁ ଜନତା ଦଳର ଦୋମୁହାଁ ଚରିତ୍ର ସର୍ବସାଧାରଣରେ ସ୍ପଷ୍ଟ ହୋଇଛି ବୋଲି ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ କହିଛନ୍ତି । ପୂର୍ବରୁ ବିଧାୟକ, ସାଂସଦ ଯେ କେହି ସିବିଆଇ ଦ୍ୱାରା ଗିରଫ ହେଲେ ବିଜୁ ଜନତା ଦଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଥମେ ଦଳରୁ ନିଲମ୍ବିତ କରୁଥିଲା । ସାଂସଦ ରାମଚନ୍ଦ୍ର ହାଁସଦା ଓ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ସମେତ ଅନ୍ୟ ଦଳୀୟ ନେତାମାନଙ୍କ ସଂପୃକ୍ତି ଓ ଗିରଫ ପ୍ରସଙ୍ଗରେ ବିଜେଡି ପ୍ରଥମେ ସେମାନଙ୍କୁ ନିଲମ୍ବନ କରି ଆଇନ ତା ରାସ୍ତାରେ ଯିବ ବୋଲି ସଫେଇ ଦେଉଥିଲା । ଆଇନ୍ ତା ରାସ୍ତାରେ ଯିବ ବୋଲି କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ସିବିଆଇ ଦ୍ୱାରା ଗିରଫ ବ୍ୟକ୍ତିଙ୍କୁ ନିଲମ୍ବନ କରୁଥିବାବେଳେ ଏବେ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଗିରଫ ନେଇ ତାଙ୍କର ଆଭିମୁଖ୍ୟରେ ପରିବର୍ତନ କରିଛନ୍ତି ବୋଲି ଶ୍ରୀ ପୁରୋହିତ ଆକ୍ଷେପ କରିଛନ୍ତି ।

ଓଡିଶାର ସାଧାରଣ ଗରିବ ଲୋକମାନଙ୍କର ଝାଳବୁହା ରୋଜଗାରକୁ ଚିଟ୍‌ଫଣ୍ଡ୍ ମାଧ୍ୟମରେ ଲୁଣ୍ଠନ କରାଯାଇଛି । ଏହି ଲୁଟ୍‌ରେ ଚିଟ୍‌ଫଣ୍ଡ କଂପାନୀମାନଙ୍କ ସହ ସଂପୃକ୍ତ ବ୍ୟକ୍ତିମାନେ ଦଣ୍ଡ ପାଇବା ଉଚିତ୍ କି ନାହିଁ ବୋଲି ରାଜ୍ୟବାସୀଙ୍କ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ପ୍ରଥମେ ସ୍ପଷ୍ଟ କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ରାଜ୍ୟର ଲକ୍ଷ ଲକ୍ଷ କ୍ଷତିଗ୍ରସ୍ତ ଜମାକାରୀଙ୍କର ସ୍ୱାର୍ଥ ପାଇଁ ନା ଚିଟ୍‌ଫଣ୍ଡ ଦୁର୍ନୀତିରେ ଅଭିଯୁକ୍ତ ଥିବା ନିଜ ଦଳୀୟ ନେତାଙ୍କର ସୁରକ୍ଷା ପାଇଁ ତାଙ୍କ ସରକାର ଉଦ୍ଦିଷ୍ଟ, ତାହା ମୁଖ୍ୟମନ୍ତ୍ରୀ ପ୍ରଥମେ ସ୍ପଷ୍ଟ କରନ୍ତୁ । କ୍ଷତିଗ୍ରସ୍ତ ଲକ୍ଷ ଲକ୍ଷ ଜମାକାରୀଙ୍କୁ ନ୍ୟାୟ ଦେବା ପାଇଁ ସଂପୃକ୍ତ ଅପରାଧିମାନଙ୍କ ବିରୁଦ୍ଧରେ ସିବିଆଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାବେଳେ ଶାସକ ବିଜେଡି ଏହାକୁ ବିରୋଧ କରିବା ଅର୍ଥ ଅପରାଧିଙ୍କୁ ଘଂଟ ଘୋଡାଇବାକୁ ଉଦ୍ୟମ କରୁଛି ବୋଲି ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି । ବିଜେଡିକୁ ତାର ନିଜ ପାପ ଘାରୁଛି । ଯାହାଫଳରେ ବିଜେଡି ବର୍ତମାନ ଅଯଥାରେ ଅଧିକ ପ୍ରତିକ୍ରିୟାଶୀଳ ହୋଇପଡିଛି ।

ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରଭାତ ବିଶ୍ୱାଳଙ୍କୁ ଚିଟ୍‌ଫଣ୍ଡ୍ କେଳେଙ୍କାରୀରେ ସିବିଆଇ ଗିରଫ କରିବା ଘଟଣାକୁ ରାଜନୈତିକ ଆକ୍ରୋଶ ବୋଲି କହୁଥିବା ଶାସକ ବିଜେଡି ପ୍ରଭାତ ବିଶ୍ୱାଳଙ୍କ ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତିକୁ ଖଣ୍ଡନ ନକରି ତାଙ୍କର ସଂପୃକ୍ତିକୁ ସିଧାସଳଖ ସ୍ୱୀକାର କରିଛନ୍ତି ବୋଲି ଶ୍ରୀ ପୁରୋହିତ କହିଛନ୍ତି ।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଓ ଦିଲୀପ ମଲ୍ଲିକ, ମୁଖପାତ୍ର ସଜ୍ଜନ ଶର୍ମା ଓ ଗୋଲକ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

ପାରାଦୀପ ତୈଳ ବିଶୋଧନାଗାରର ଓଡିଶା ସରକାରଙ୍କୁ ଟିକସ ପ୍ରସଙ୍ଗ

୨୯୩୫ କୋଟି ଟଙ୍କାର ଟିକସ ରାଶି ରାଜ୍ୟ ସରକାରଙ୍କୁ ପଇଠ କଲା ଭାରତୀୟ ତୈଳ ନିଗମ

ନୂଆଦିଲୀ/ ଭୁବନେଶ୍ୱର,(ପିଏନ୍): ପାରାଦୀପ ରିଫାଇନାରୀରୁ ବିଳମ୍ବିତ ଟ୍ୟାକ୍ସ ଆଦାୟ ପ୍ରସଙ୍ଗରେ ଇଣ୍ଡିଆନ ଅଏଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ହୋଇଥିବା ସହମତି ଆଧାରରେ ଇଣ୍ଡିଆନ ଅଏଲ ନଭେମ୍ବର ୨୦୧୫ରୁ ଜୁଲାଇ ୨୦୧୭ ପର୍ଯ୍ୟନ୍ତ ଭ୍ୟାଟ ବାବଦରେ ଓଡିଶା ସରକାରଙ୍କୁ ୨୯୩୫ କୋଟି ଟଙ୍କା ପ୍ରଦାନ କରିଛି । ପାରାଦୀପ ରିଫାଇନାରୀ ନଭେମ୍ବର ୨୦୧୫ରୁ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିଥିଲା ।.ଉଲ୍ଲେଖନୀୟ ଯେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ଆଲୋଚନା ପରେ ଏହି ପ୍ରସଙ୍ଗର ସମାଧାନର ରାସ୍ତା ବାହାରିଥିଲା । ଓଡିଶା ସମେତ ପୂର୍ବ ଭାରତର ସାମଗ୍ରିକ ବିକାଶ ଓ ଶିଳ୍ପାୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆଧାରରେ ଏହି ପ୍ରସଙ୍ଗର ସମାଧାନର ରାସ୍ତା ବାହାରିଥିଲା । ଏହା ପରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଜଏଂଟ ୱାର୍କିଂ କମିଟିର ବୈଠକରେ ଏଥି ନେଇ ଅଧିକ ଆଲୋଚନା ହୋଇଥିଲା । ରାଜ୍ୟ ସରକାର ଓ ଇଣ୍ଡିଆନ ଅଏଲର ବରିଷ୍ଠ ପ୍ରତିନିଧିମାନେ ଏହି କମିଟିର ସଦସ୍ୟ ଥିଲେ ଓ ଆଲୋଚନାରେ ସମାଧାନର ରାସ୍ତା ବାହାରିଥିଲା । ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ଓ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ୪୦ ହଜାର କୋଟି ଟଙ୍କାର ପୁଂଜି ନିବେଶ କରିଛି । ଓଡିଶାରେ କୌଣସି କର୍ପୋରେଟ ଦ୍ୱାରା ଏହା ସର୍ବାଧିକ ପୁଂଜି ନିବେଶ । ବିଶୋଧନାଗାରର କ୍ଷମତାର ବୃଦ୍ଧି, ପଲି ପ୍ରପିଲିନ, ମନୋ ଏଥିଲିନ ଗ୍ଲାଇକଲ, ପାରାକ୍ସିଲିନ, ପେଟକୋକ ଗ୍ୟାସିଫିକେସନ ଆଦି କ୍ଷେତ୍ରରେ ଡାଉନଷ୍ଟ୍ରିମ ପେଟ୍ରୋ କେମିକାଲ କ୍ଷେତ୍ରରେ ଅଧିକ ପୁଂଜି ନିବେଶର ଯୋଜନା ପ୍ରସ୍ତୁତ ହୋଇଛି ।

ମହିଳା ମାଓବାଦୀର ଆତ୍ମ ସମର୍ପଣ

ମାଲକାନଗିରି, (ପିଏନ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟ ଭଦ୍ରାଚଳମ୍ ଜିଲ୍ଲା ସହକାରୀ ପୋଲିସ୍ ଅଧିକ୍ଷକଙ୍କ ନିକଟରେ ଆଜି ମାଓବାଦୀଙ୍କ ଚେରଲା ଦଳମ୍‌ର ଏରିୟା କମିଟି ମେମ୍ବର ମାଡ଼କାମୀ ଯୋଗୀ(୨୭) ଓରଫ କମଳା ଆତ୍ମ ସମର୍ପଣ କରିଛି। କମଳାର ଘର ତେଲେଙ୍ଗାନା ରାଜ୍ୟ କଡ଼ାଗୁଡ଼ମ୍ ଜିଲ୍ଲା କିସ୍ତା ରାମପାଡୁ ଗ୍ରାମରେ। ତା’ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୮ଟି ମାଓ ସମ୍ପର୍କୀତ ମାମଲା ରହିଛି। ସେଥିମଧ୍ୟରୁ ହତ୍ୟା, ହତ୍ୟା ପାଇଁ ଉଦ୍ୟମ, ୫ଟି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଓ ଗୋଟିଏ ରାଷ୍ଟ୍ରାନଷ୍ଟ କେଶ ଅଛି।

ବସ୍-ବୋଲେରୋ ମୁହାଁମୁହିଁ

୩ ମୃତ, ୭ ଗୁରୁତର

ନୂଆପଡା, ୧୯ ସେପ୍ଟେମ୍ବର (ହି.ସ.)- ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ନିକଟସ୍ଥ ୩୫୩ନଂ ଜାତୀୟ ରାଜପଥରେ ଆଜି ସଂନ୍ଧ୍ୟାରେ ଘଟିଯାଇଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତରମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି ।ସୂଚନା ଅନୁଯାୟୀ, ମଣିବାବା ନାମକ ଏକ ଘରୋଇ ଯାତ୍ରୀବାହି ବସ୍ ଖଡିଆଳରୁ ନୂଆପଡା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ସହିତ କୁରୁମପୁରି ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ବୋଲେରୋ ଚାଳକ ଦିନେଶ ରାଉତ(୪୨)ଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ମାନଙ୍କ ମଧ୍ୟରେ ୨ଜଣ ମହିଳା, ଜଣେ ଶିଶୁ ଏବଂ ଦୁଇ ଜଣ ବୃଦ୍ଧ ରହିଛନ୍ତି । ମୃତ ଦିନେଶ ଖଡିଆଳ ବ୍ଲକ ଅନ୍ତର୍ଗତ ଲାଲସାହେବ ପଡାର ବାସିନ୍ଦା ବୋଲି ଜଣାଯାଇଛି । ଅନ୍ୟ ମୃତାହତଙ୍କ ପରିଚୟ ମିଳିପାରିନାହିଁ । ଘଟଣାସ୍ଥଳରେ କୋମନା ଓ ନୂଆପଡା ପୋଲିସ ପହଂଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ସହ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

ଯିଏ ଅର୍ଥନୈତିକ ଅପରାଧ ଘଟାଇଥିବ ସେ ଦଣ୍ଡପାଇବ : ଦାମ ରାଉତ

ଭୁବନେଶ୍ୱର,(ପିଏନ୍): ଗତକାଲି ବିଜୁ ଜନତା ଦଳର ବିଧାୟକ ଶ୍ରୀ ପ୍ରଭାତ ରଂଜନ ବିଶ୍ୱାଳଙ୍କୁ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଗିରଫ କରିଥିବା ଘଟଣାକୁ ନେଇ ବିରୋଧୀ ଦଳ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ବିଜେଡି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଏହା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବରିଷ୍ଠ ବିଜେଡି ନେତା ଦାମୋଦର ରାଉତ କହିଛନ୍ତି ।

ବିଜେଡି ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ସିବିଆଇ ଦ୍ୱାରା ଗିରଫ ହେଲାବେଳେ ଏଥିରେ ବିଜେଡି କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିବାର କୌଣସି କାରଣ ନାହିଁ । ଯିଏ ଚିଟ୍‌ଫଣ୍ଡ ମାମଲାରେ ଅର୍ଥନୈତିକ ଅପରାଧ ଘଟାଇଥିବେ ସେ ଦଣ୍ଡପାଇବେ ଏବଂ ଦୋଷୀ ଦଣ୍ଡ ପାଆନ୍ତୁ ଏ ଅଭୀପ୍ସା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ୧୭ ବର୍ଷ ହେଲା ପ୍ରକଟ କରି ଆସିଛନ୍ତି । ଗୋଟିଏ ରାଜନୈତିକ ଦଳରେ କୌଣସି ସଦସ୍ୟ ଯଦି ଅପରାଧରେ ସଂଶ୍ଳିଷ୍ଟ ଥାଇ ଗିରଫ ହୁଏ ତେବେ ସେ ଦଳ କିମ୍ବା ନେତାଙ୍କୁ ଟାର୍ଗେଟ୍ କରିବାର କାରଣ ନାହିଁ କିମ୍ବା

ଶ୍ରୀ ବିଶ୍ୱାଳଙ୍କ ଗିରଫଦାରୀରେ ବିଜୁ ଜନତା ଦଳ କିମ୍ବା ଏହାର ନେତା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ କୌଣସି ବିପରୀତ ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଛନ୍ତି । ଅତୀତରେ ଚିଟ୍‌ଫଣ୍ଡ ମାମଲାରେ ଦଳୀୟ ସାଂସଦ ରାମଚନ୍ଦ୍ର ହାଂସଦା, ବିଧାୟକ ପ୍ରଭାତ ତ୍ରିପାଠୀ ଗିରଫ ହେବାକ୍ଷଣି ଶ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଦଳରୁ ସସ୍‌ପେଣ୍ଡ କରିଛନ୍ତି । ବିଗତ ୨୦୧୨ ମସିହାରେ ଚିଟ୍‌ଫଣ୍ଡ ମାମଲା ପଦାକୁ ଆସିଲା କ୍ଷଣି ତତ୍‌କ୍ଷଣାତ୍ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କ୍ରାଇମ ବ୍ରାଂଚକୁ ତଦନ୍ତ ଦାୟିତ୍ୱ ଦେଇଥିଲେ ।ପେଟ୍ରୋଲ ଦରବୃଦ୍ଧି ବିରୁଦ୍ଧରେ ପ୍ରତିବାଦ ଜଣାଇବା ପାଇଁ ବିଜୁ ଜନତା ଦଳ ତରଫରୁ ଶାନ୍ତିପୂର୍ଣ୍ଣ ହରତାଳର ଆହ୍ୱାନ ଦିଆଯାଇଥିଲା । ତେବେ ଏହି ୫ ଘଂଟିଆ ଶାନ୍ତିପୂର୍ଣ୍ଣ ହରତାଳ ଚାଲିଥିଲାବେଳେ କେତେକ ସ୍ଥାନରେ ହିଂସା ଘଟିଥିବା ଦୁର୍ଭାଗ୍ୟର ବିଷୟ । ତେବେ ଏଥି ନିମନ୍ତେ ନିଛକ ଭାବରେ ବିଜୁ ଜନତା ଦଳକୁ ଦାୟୀ କରାଯିବା ଉଚିତ ହେବ ନାହିଁ ।ବିଜେଡି ହରତାଳ ପାଳନ କରୁଥିବା ବେଳେ ହଠାତ୍ ରାଜଭବନ ଆଗରେ ଭାରତୀୟ ଜନତା ପାର୍ଟିର କର୍ମୀମାନେ ଧାରଣା ଦେବାକୁ ନିଷ୍ପତି କଲେ । ସେଥିଯୋଗୁଁ କେତେକ ଛକ ଯାଗାରେ ହରତାଳରେ ଯୋଗ ଦେଉଥିବା ବିଜେଡି କର୍ମୀମାନଙ୍କ ସହିତ ଭାରତୀୟ ଜନତା ପାର୍ଟିର କର୍ମୀମାନଙ୍କ ଭିତରେ ସାମ୍ନାସାମ୍ନି ମୁକାବିଲା ଘଟି ହିଂସାକାଣ୍ଡ ଘଟିଥାଇପାରେ । ଏହା ମଧ୍ୟ ହୋଇପାରେ ଯେ ବିଜୁ ଜନତା ଦଳର ଶାନ୍ତିପୂର୍ଣ୍ଣ ହରତାଳକୁ ନିନ୍ଦିତ କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇ ପାରିଥାଏ । ତେବେ ଏ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଯେଉଁମାନେ ହିଂସାକାଣ୍ଡ ଘଟାଇବାରେ ସଂପୃକ୍ତ ଥିଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଅବଶ୍ୟ କରାଯିବ । ଆଇନକୁ ତା ବାଟରେ ଯିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସବୁବେଳେ ପ୍ରୟାସ କରି ଆସିଛନ୍ତି ଏବଂ ଆଇନ ଭଙ୍ଗକାରୀ ଯେଉଁ ଦଳର ହୁଅନ୍ତୁ ନା କାହିଁକି ସେମାନଙ୍କୁ ସୁରକ୍ଷା ଦେବାର ମାନସିକତା ପ୍ରକାଶ କରି ନାହାନ୍ତି ବୋଲି ସେ କହିଛନ୍ତି ।

ବାଇଶି ପାହାଚରେ ଶ୍ରଦ୍ଧାଳୁଙ୍କ ଶ୍ରାଦ୍ଧ, ଶ୍ରୀମନ୍ଦିରରେ ଗହଳି

ପୁରୀ, (ପିଏନ୍): ଆଶ୍ୱିନ ଶ୍ରାଦ୍ଧ ପାଇଁ ଆଜି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଛି । ପିତୃପୁରୁଷଙ୍କ ଶ୍ରାଦ୍ଧ ଉଦ୍ଦେଶ୍ୟରେ ହଜାର ହଜାର ଶ୍ରଦ୍ଧାଳୁ ଆଜି ଶ୍ରୀମନ୍ଦିରସ୍ଥ ବାଇଶି ପାହାଚରେ ସପ୍ତପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇଥିଲେ। ଅପରପକ୍ଷ ୧୫ଦିନର ଶେଷ ଦିନରେ ଶ୍ରାଦ୍ଧ ଦେଇଥିଲେ। ଏହାସହ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତିଙ୍କ ଦର୍ଶନ ଓ ପାର୍ଶ୍ୱଦେବାଦେବୀଙ୍କ ଦର୍ଶନ କରିଥିଲେ। ସହରବାସୀ ଓ ଶ୍ରଦ୍ଧାଳୁମାନେ ନରେନ୍ଦ୍ର ପୁଷ୍କରଣୀ, ମାର୍କଣ୍ଡ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରଣୀରେ ମଧ ଶ୍ରାଦ୍ଧ ଦେଇଥିଲେ। ପିତୃପୁରୁଷଙ୍କ ଶ୍ରଦ୍ଧା ଶ୍ରାଦ୍ଧରେ ଥିବାରୁ ସୁପୁତ୍ରମାନେ ଏହି ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସହ ବ୍ରାହ୍ମଣଭୋଜନ ଦକ୍ଷିଣା ଦେଇଥିଲେ। ଗୟାଯାତ୍ରୀମାନେ ମଧ ଗୟାରେ ପିଣ୍ଡଦାନ ଦେଇ ପୁରୀ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗହଳି ଲାଗିରହିଥିଲା। ଯେଉଁମାନେ ଆଶ୍ୱିନ ମାସରେ ବିଭିନ୍ନ କାରଣରୁ ଶ୍ରାଦ୍ଧଦେଇ ପାରିବେ ନାହିଁ ସେମାନେ କାର୍ତିକ ଅମାବାସ୍ୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ ସହ ବଡ଼ବଡ଼ିଆ ଡାକିବା ପରମ୍ପରା କଥିତ ଅଛି।